# NATIONAL NEWS BULLETIN (ODIA)
## 29 December - 2025
## Morning Bulletin : 7.15 A.M.

**********************************

## ମୁଖ୍ୟ ସମ୍ବାଦ

- ଉତ୍ପାଦନକୁ ପ୍ରୋତ୍ସାହନ ଦେବା ସହିତ ଭାରତକୁ ସେବା ପ୍ରଦାନ କ୍ଷେତ୍ରରେ ବିଶ୍ୱରେ ଏକ ଅଗ୍ରଣୀ ରାଷ୍ଟ୍ର ରୂପେ ଗଢ଼ିତୋଳିବା ଲାଗି ରାଜ୍ୟଗୁଡ଼ିକୁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ।
- ଝାଡ଼ଖଣ୍ଡରେ ଅଲ୍ ଚିକି ଭାଷାର ଶତବାର୍ଷିକୀ ସମାରୋହରେ ଆଜି ଯୋଗ ଦେବେ ରାଷ୍ଟ୍ରପତି ।
- ଆସାମ ଅଭିଯାନର ସହିଦମାନଙ୍କ ପ୍ରତି ଆଜି ଗୁଆହାଟୀରେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିବେ ସ୍ୱରାଷ୍ଟ୍ର ମନ୍ତ୍ରୀ ।
- ରୁଷ-ୟୁକ୍ରେନ୍ ଯୁଦ୍ଧ ସମାପ୍ତ କରିବା ଦିଗରେ ରୁଷ ରାଷ୍ଟ୍ରପତିଙ୍କ ସହ ଫୋନ୍ ଯୋଗେ ଆଲୋଚନା କଲେ ତାଙ୍କର ଆମେରିକା ପ୍ରତିପକ୍ଷ ।

ଏବଂ

- ଚତୁର୍ଥ ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ ମହିଳା କ୍ରିକେଟ୍ ମ୍ୟାଚ୍‌ରେ ଶ୍ରୀଲଙ୍କାକୁ ୩୦ରନ୍‌ରେ ପରାସ୍ତ କଲା ଭାରତ ।

# ପିଏମ୍-ଚିଫ୍ ସେକ୍ରେଟେରି

ଉତ୍ପାଦନକୁ ପ୍ରୋତ୍ସାହନ ଦେବା ଏବଂ ବ୍ୟବସାୟିକ ପ୍ରକ୍ରିୟାକୁ ସହଜ କରିବା ସହିତ ଭାରତକୁ ସେବା ପ୍ରଦାନ କ୍ଷେତ୍ରରେ ବିଶ୍ୱରେ ଏକ ଅଗ୍ରଣୀ ରାଷ୍ଟ୍ର ରୂପେ ଗଢ଼ିତୋଳିବା ଦିଗରେ ପ୍ରଚେଷ୍ଟା ଜାରି ରଖିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଜ୍ୟଗୁଡ଼ିକୁ ଆହ୍ୱାନ ଦେଇଛନ୍ତି ।

ନୂଆଦିଲ୍ଲୀରେ ଚାଲିଥିବା ତିନି ଦିନିଆ ରାଜ୍ୟ ମୁଖ୍ୟ ଶାସନ ସଚିବମାନଙ୍କର ପଞ୍ଚମ ଜାତୀୟ ସମ୍ମିଳନୀର ଉଦ୍‌ଯାପନୀ ସମାରୋହରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଶ୍ରୀ ମୋଦୀ କହିଛନ୍ତି, ଭାରତ ଖୁବ୍ ଶୀଘ୍ର ଜାତୀୟ ଉତ୍ପାଦନ ମିଶନ୍ ଆରମ୍ଭ କରିବାକୁ ଯାଉଛି । ପ୍ରତ୍ୟେକ ରାଜ୍ୟ ଏହାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ବିଶ୍ୱସ୍ତରୀୟ କମ୍ପାନୀଗୁଡ଼ିକୁ ଆକର୍ଷିତ କରିବା ଲାଗି ଭିତ୍ତିଭୂମି ସୃଷ୍ଟି କରିବା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି । "ବିକଶିତ ଭାରତ ଲାଗି ମାନବ ପୁଞ୍ଜି" ବିଷୟବସ୍ତୁ ନେଇ ଗତ ୨୬ ତାରିଖଠାରୁ ଆରମ୍ଭ ହୋଇଥିବା ଏହି ତିନି ଦିନିଆ ସମ୍ମିଳନୀରେ ଗତକାଲି ଉଦ୍‌ବୋଧନ ଦେଇ ଭାରତର ଜନସଂଖ୍ୟା ଜନିତ ସୁବିଧା ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶର ପ୍ରାୟ ୭୦ ପ୍ରତିଶତ ଜନସଂଖ୍ୟା କର୍ମଜୀବୀ ଗୋଷ୍ଠୀରେ ଅଛନ୍ତି । ଯାହା ଏକ ଅନନ୍ୟ ଐତିହାସିକ ସୁଯୋଗ ସୃଷ୍ଟି କରୁଛି ।

ଏହା ଅର୍ଥନୈତିକ ପ୍ରଗତି ସହିତ ଯୁକ୍ତ ହେଲେ ବିକଶିତ ଭାରତ ଦିଗକୁ ଦେଶର ଯାତ୍ରାକୁ ଉଲ୍ଲେଖନୀୟ ଭାବେ ତ୍ୱରାନ୍ୱିତ କରିପାରିବ । ଶ୍ରୀ

ମୋଦୀ କହିଛନ୍ତି, ଭାରତ ସଂସ୍କାର ଏକ୍ସପ୍ରେସ୍‌ରେ ସାମିଲ ହୋଇଛି । ଯାହାକି ମୁଖ୍ୟତଃ ଏହାର ଯୁବ ଜନସଂଖ୍ୟା ଶକ୍ତି ଦ୍ୱାରା ପରିଚାଳିତ । ଏହି ଜନସଂଖ୍ୟାକୁ ସଶକ୍ତ କରିବା ଉପରେ ସରକାର ପ୍ରାଥମିକତା ଦେଇ କାର୍ଯ୍ୟ କରୁଛନ୍ତି ବୋଲି ସେ କହିଛନ୍ତି ।

ଶ୍ରୀ ମୋଦୀ କହିଛନ୍ତି, ଦେଶ ଯେତେବେଳେ ପରବର୍ତ୍ତି ପିଢ଼ିର ସଂସ୍କାର ଉପରେ କାର୍ଯ୍ୟ କରୁଛି ଏବଂ ଅର୍ଥନୀତି କ୍ଷେତ୍ରରେ ଏକ ପ୍ରମୁଖ ସ୍ଥିର ଶକ୍ତି ଭାବେ ଉଭା ହେବା ଦିଗରେ ଅଗ୍ରସର ହେଉଛି – ସେହି ସମୟରେ ଏଭଳି ଏକ ସମ୍ମିଳନୀ ଅନୁଷ୍ଠିତ ହେଉଛି । ଭାରତୀୟ ଉତ୍ପାଦରେ ଶୂନ୍ୟ ତ୍ରୁଟି ଏବଂ ସର୍ବନିମ୍ନ ପରିବେଶଗତ ପ୍ରଭାବ ସହିତ ଆତ୍ମନିର୍ଭର ହେବାକୁ ପଡ଼ିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଏତଦ୍ ବ୍ୟତୀତ ମେଡ୍‌ଇନ୍ ଇଣ୍ଡିଆ ଲେବୁଲ୍‌ର ଗୁଣବତ୍ତାକୁ ବଜାୟ ରଖିବା ସହିତ ଶୂନ୍ୟ ପ୍ରଭାବ ଓ ଶୂନ୍ୟ ତ୍ରୁଟି ପ୍ରତି ସରକାରଙ୍କ ପ୍ରତିବଦ୍ଧତାକୁ ସଶକ୍ତ କରିବା ଉପରେ ଶ୍ରୀ ମୋଦୀ ଗୁରୁତ୍ୱାରୋପ କରିଛନ୍ତି । ସେ କହିଛନ୍ତି, ଯୁବପିଢ଼ିଙ୍କ ଜୀବୀକା ଲାଗି ପର୍ଯ୍ୟଟନ ଏକ ପ୍ରମୁଖ ଭୂମିକା ଗ୍ରହଣ କରିପାରିବ । ଅତି କମ୍‌ରେ ପ୍ରତ୍ୟେକ ରାଜ୍ୟରେ ଗୋଟିଏ ବିଶ୍ୱସ୍ତରୀୟ ପର୍ଯ୍ୟଟନ ସ୍ଥଳ ସୃଷ୍ଟି କରିବା ସହିତ ପର୍ଯ୍ୟଟନ ଇକୋ ସିଷ୍ଟମ୍‌କୁ ସଶକ୍ତ କରିବା ଦିଗରେ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରିବାକୁ ସେ ଆହ୍ୱାନ ଦେଇଛନ୍ତି । ଏହି ସମ୍ମିଳନୀ ଆଧାରରେ ପ୍ରତ୍ୟେକ ରାଜ୍ୟ ଏକ, ଦୁଇ, ପାଞ୍ଚ ଏବଂ ଦଶ ବର୍ଷର ଲକ୍ଷ୍ୟ ସମୟସୀମା ସହିତ ୧୦ ବର୍ଷିୟା କାର୍ଯ୍ୟକ୍ଷମ ଯୋଜନା ପ୍ରସ୍ତୁତ କରିବା ଲାଗି ପ୍ରଧାନମନ୍ତ୍ରୀ ରାଜ୍ୟଗୁଡ଼ିକୁ ପରାମର୍ଶ ଦେଇଛନ୍ତି । ଏହି ସମ୍ମିଳନୀରେ

ପ୍ରାରମ୍ଭିକ ଶୈଶବ ଶିକ୍ଷା, ବିଦ୍ୟାଳୟ ଶିକ୍ଷା, ଦକ୍ଷତା, ଉଚ୍ଚଶିକ୍ଷା, କ୍ରୀଡ଼ା ଏବଂ ପାଠ୍ୟକ୍ରମ ବର୍ହିଭୂତ କାର୍ଯ୍ୟକଳାପ ସମେତ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଛି ।

## ରାଷ୍ଟ୍ରପତି-ଝାଡ଼ଖଣ୍ଡ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଝାଡ଼ଖଣ୍ଡର ଜାମସେଦପୁରଠାରେ ଅଲ୍ ଚିକି ଭାଷାର ଶତବାର୍ଷିକୀ ସମାରୋହରେ ଯୋଗ ଦେବେ । ଶାନ୍ତାଳୀ ଭାଷାଭାଷୀ ଲୋକଙ୍କ ପାଇଁ ୧୯୨୫ ମସିହାରେ ପଣ୍ଡିତ ରଘୁନାଥ ମୁର୍ମୁ ଅଲ୍ ଚିକି ଲିପିର ସୃଷ୍ଟି କରିଥିଲେ । ଶାନ୍ତାଳୀ ଭାଷାର ବ୍ୟବହାର ଲାଗି ଏହି ଲିପି ସହାୟକ ହୋଇଥାଏ ।

ଆଜି ମଧ୍ୟ ରାଷ୍ଟ୍ରପତି ସେଠାରେ ନିଟ୍‌ର ପଞ୍ଚଦଶ ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ଅଭିଭାଷଣ ରଖିବେ । ଆସନ୍ତାକାଲି ରାଷ୍ଟ୍ରପତି ଝାଡ଼ଖଣ୍ଡ ସ୍ଥିତ ଗୁମ୍‌ଲାଠାରେ ଅନ୍ତର୍ଯ୍ୟାୟ ଜନସାଂସ୍କୃତିକ ସମାଗମ ସମାରୋହ କାର୍ତ୍ତିକ ଯାତ୍ରାରେ ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି ।

## ପ୍ରେସିଡେଣ୍ଟ-କର୍ଣ୍ଣାଟକ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗତକାଲି କର୍ଣ୍ଣାଟକର କାର୍‌ୱାର୍ ନୌସେନା ଘାଟି ବୁଡ଼ାଜାହାଜ ଆଇ.ଏନ୍.ଏସ୍. ବାଘ୍‌ଶିର୍‌ରେ ଯାତ୍ରା

କରିଛନ୍ତି । ରାଷ୍ଟ୍ରପତି ମୁର୍ମୁଙ୍କ ଦ୍ୱାରା କାଲଭାରୀ ଶ୍ରେଣୀର ବୁଡ଼ାଜାହାଜରେ ଏହା ପ୍ରଥମ ଯାତ୍ରା । ତେବେ ଭାରତୀୟ ରାଷ୍ଟ୍ରପତିଙ୍କର ଏହା ଦ୍ୱିତୀୟ ଯାତ୍ରା ।

ପୂର୍ବତନ ରାଷ୍ଟ୍ରପତି ଡକ୍ଟର ଏ.ପି.ଜେ. ଅବଦୁଲ୍ କଲାମ ୨୦୦୬ ମସିହାରେ ବିଶାଖାପାଟଣାରେ ଏକ ବୁଡ଼ା ଜାହାଜରେ ଯାତ୍ରା କରିଥିଲେ । ଏ ସମ୍ପର୍କରେ ଅଧିକ ସୂଚନା ଦେଇ ଆମ ସମ୍ବାଦଦାତା କହିଛନ୍ତି, ନୌସେନା ପୋଷାକରେ ରାଷ୍ଟ୍ରପତିଙ୍କର ଦୁଇ ଘଣ୍ଟା ଧରି ଯାତ୍ରା କରିବା ଏକ ଐତିହାସିକ ମୁହୂର୍ତ୍ତ ଥିଲା । ଗତ ବର୍ଷ ନଭେମ୍ବରରେ ରାଷ୍ଟ୍ରପତି ମୁର୍ମୁ ସ୍ୱଦେଶୀ ବିମାନ ଆଇ.ଏନ୍.ଏସ୍. ବିକ୍ରାନ୍ତରେ ମଧ୍ୟ ଉଡ଼ାଣ ଭରିଥିଲେ ।

ବିମାନ ଯାତ୍ରା ପରେ ନିଜ ପର୍ଯ୍ୟବେକ୍ଷଣରେ ରାଷ୍ଟ୍ରପତି ଲେଖିଛନ୍ତି, ବୁଡ଼ାଜାହାଜ ଆଇ.ଏନ୍.ଏସ୍. ବାଘ୍‌ଶିରରେ ଯାତ୍ରା କରିବା ଏବଂ ସେଠାରେ ଥିବା ଅଧିକାରୀଙ୍କ ସହିତ ସମୟ ବିତାଇବା ଏକ ସ୍ୱତନ୍ତ୍ର ଅଭିଜ୍ଞତା ଥିଲା । ନୌସେନା ମୁଖ୍ୟ ଆଡ୍‌ମିରାଲ୍ ଦିନେଶ କୁମାର ତ୍ରିପାଠୀ ଏହି ଯାତ୍ରା ସମୟରେ ଦେଶର ସଶସ୍ତ୍ର ବାହିନୀର ସର୍ବୋଚ୍ଚ କମାଣ୍ଡର ରାଷ୍ଟ୍ରପତି ମୁର୍ମୁଙ୍କ ସହିତ ଉପସ୍ଥିତ ଥିଲେ ।

## ପୁଡୁଚେରୀ-ଭିପି ଭିଜିଟ୍

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ଆଜି ପୁଡୁଚେରୀକୁ ଦିନିକିଆ ଗସ୍ତରେ ଯିବେ । ଏହି ଗସ୍ତ ଅବସରରେ ଶ୍ରୀ ରାଧାକ୍ରିଷ୍ଣନ୍ ପୁଡୁଚେରୀର ଈଶ୍ୱରନ୍ କୋଏଲ୍ ଷ୍ଟ୍ରିଟ୍‌ରେ ମହାକବି ଭରତିଆର୍‌ଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ

କରିବେ ଏବଂ ସ୍ମାର୍ଟ ସିଟି ମିଶନ୍ ଅଧୀନରେ ଗୃହପ୍ରକଳ୍ପର ମଧ୍ୟ ଶୁଭାରମ୍ଭ କରିବେ ।

ଏହାର ଶୁଭାରମ୍ଭ କରି ଉପରାଷ୍ଟ୍ରପତି ସ୍ଥାନୀୟ କମ୍ୟୁନ୍ କାଲାୟାରଙ୍ଗମ୍ ଠାରେ ଏହି ମିଶନ୍‌ର ହିତାଧିକାରୀମାନଙ୍କୁ ଚାବି ହସ୍ତାନ୍ତର କରିବେ ଏବଂ ସେମାନଙ୍କ ସହିତ ଭାବବିନିମୟ କରିବାର କାର୍ଯ୍ୟସୂଚୀ ରହିଛି । ଅପରାହ୍ଣରେ କାଲାପେଟ୍ ସ୍ଥିତ ପୁଡୁଚେରୀ ବିଶ୍ୱବିଦ୍ୟାଳୟର ୩୦ତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଶ୍ରୀ ରାଧାକ୍ରିଷ୍ଣନ୍ ଯୋଗଦେବେ । କେରଳରେ ଆୟୋଜିତ ତ୍ରିଭେନ୍ଦ୍ରମ୍ ଫେଷ୍ଟ-୨୦୨୫ରେ ମଧ୍ୟ ଉପରାଷ୍ଟ୍ରପତି ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

ଆସନ୍ତାକାଲି ଉପରାଷ୍ଟ୍ରପତି କେରଳ ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହେବାର କାର୍ଯ୍ୟସୂଚୀ ରହିଛି ।

## ଅମିତଶାହା-ଗୁଆହାଟୀ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ଦିନିକିଆ ଗସ୍ତରେ ଯାଇ ଆଜି ସକାଳେ ଗୁଆହାଟିରେ ପହଞ୍ଚିବେ । ଏହି ଗସ୍ତ ଅବସରରେ ବେଆଇନ୍ ବିଦେଶୀମାନଙ୍କ ବିରୁଦ୍ଧରେ ପ୍ରତିବାଦ କରିବା ସମୟରେ ଆସାମ ଅଭିଯାନର ସହିଦମାନଙ୍କ ପ୍ରତି ସହିଦ ସ୍ମାରକ କ୍ଷେତ୍ରରେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିବେ । ପରେ ଶ୍ରୀ ଶାହା ନାଗାଉଁ ଜିଲ୍ଲା ଅନ୍ତର୍ଗତ ବୈଷ୍ଣବ ସନ୍ଥ ଶ୍ରୀମନ୍ତ ଶଙ୍କରଦେବଙ୍କର ଜନ୍ମସ୍ଥଳୀ ପରିଦର୍ଶନ କରିବା ସହିତ ସେଠାରେ

କେତେକ ପ୍ରକଳ୍ପର ଶୁଭାରମ୍ଭ କରିବାର କାର୍ଯ୍ୟସୂଚୀ ରହିଛି । ପରେ ଗୁଆହାଟୀଠାରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅନ୍ୟ କେତେକ ଉନ୍ନୟନମୂଳକ ପ୍ରକଳ୍ପର ଶୁଭାରମ୍ଭ କରିବେ ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ବିକଶିତ ଭାରତ ନିଶ୍ଚିତ ରୋଜଗାର ଏବଂ ଆଜୀବିକା ମିଶନ୍ ଗ୍ରାମୀଣ ଆଇନ୍ ୨୦୨୫** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ଏଥିରେ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟର ଯୁଗ୍ମ ସଚିବ ରୋହିଣୀ ରାମଦାସ ଭାଜି-ଭାକାରେ ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ଏହି ଆଇନ୍‌ର କାର୍ଯ୍ୟକାରିତା ସମ୍ପର୍କରେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23717117, 23314444, 23310481 ଏବଂ 23717106 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍‌ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ । ଏହା ଆକାଶବାଣୀ ଗୋଲ୍‌ଡ ଚ୍ୟାନେଲ୍ ଓ ଅତିରିକ୍ତ ଫ୍ରିକ୍ୱେନ୍ସ ଗୁଡ଼ିକରୁ ଶୁଣାଯାଇ ପାରିବ । ଏହା ବ୍ୟତୀତ ଆମର ୱେବ୍‌ସାଇଟ୍ news on air.gov.in ଏବଂ ୟୁଟ୍ୟୁବ୍ ଚ୍ୟାନେଲ୍ news on air official ରେ ଏହା ଉପଲବ୍ଧ ହେବ ।

# ଟ୍ରମ୍ପ-ପୁଟିନ୍

ୟୁକ୍ରେନ୍ ରାଷ୍ଟ୍ରପତି ଭୋଲଦିମିର୍ ଜେଲେନ୍‌ସ୍କିଙ୍କ ସହିତ  ବୈଠକ ପୂର୍ବରୁ ରୁଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍‌ଙ୍କ ସହିତ ଫୋନ୍ ଯୋଗେ ସଫଳ ବାର୍ତ୍ତାଳାପ ହୋଇଛି ବୋଲି ଯୁକ୍ତରାଷ୍ଟ୍ର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି । ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ଟ୍ରମ୍ପ କହିଛନ୍ତି, ରୁଷ-ୟୁକ୍ରେନ୍ ଯୁଦ୍ଧ ସମାପ୍ତ କରିବା ଲାଗି ଶାନ୍ତି କଥାବାର୍ତ୍ତାର ଉଲ୍ଲେଖନୀୟ ଅଗ୍ରଗତି ହୋଇଛି । କିଛି ସପ୍ତାହ ମଧ୍ୟରେ ଏହି ଶାନ୍ତି କଥାବାର୍ତ୍ତା ସମାପ୍ତ ହୋଇ ଦୁଇ ଦେଶ ମଧ୍ୟରେ ଦେଖାଦେଇଥିବା ଦ୍ୱନ୍ଦ୍ୱ ଶେଷ ହେବ ବୋଲି ରାଷ୍ଟ୍ରପତି ଟ୍ରମ୍ପ ଆଶାବ୍ୟକ୍ତ କରିଛନ୍ତି । ଗତକାଲି ଟ୍ରମ୍ପ-ପୁଟିନ୍ କଥାବାର୍ତ୍ତା ସମ୍ପର୍କରେ ସୂଚନା ଦେଇ ରୁଷ କହିଛି, ୟୁକ୍ରେନ୍ ସହିତ ରୁଷର ଚାଲିଥିବା ଦ୍ୱନ୍ଦ୍ୱର ସମାଧାନ  ସମ୍ପର୍କରେ ଉଭୟ ରାଷ୍ଟ୍ରପତିଙ୍କ ମଧ୍ୟରେ ଆଲୋଚନା ହୋଇଛି ।

ପରେ ଗତ ରାତିରେ ଫ୍ଲୋରିଡ଼ା ଠାରେ ୟୁକ୍ରେନ୍ ରାଷ୍ଟ୍ରପତି ତାଙ୍କର ଆମେରିକା ପ୍ରତିପକ୍ଷଙ୍କୁ ଭେଟି ରୁଷ ସହିତ ଚାଲିଥିବା ଯୁଦ୍ଧର ସମାପ୍ତ କରିବା ଦିଗରେ ଆଲୋଚନା କରିଛନ୍ତି ।

# କ୍ରିକେଟ୍

ଭାରତୀୟ ମହିଳା କ୍ରିକେଟ୍ ଦଳ ଚତୁର୍ଥ ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍‌ରେ ଶ୍ରୀଲଙ୍କା ବିପକ୍ଷରେ ୩୦ରନ୍‌ରେ ବିଜୟୀ ହୋଇଛି । ଗତକାଲି ରାତିରେ ଥିରୁବନନ୍ତପୁରମ୍‌ଠାରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଶ୍ରୀଲଙ୍କା ଟସ୍ ଜିତି ପ୍ରଥମେ ବୋଲିଂ କରିବାର ନିଷ୍ପତ୍ତି ନେଇଥିଲା ।

ଭାରତ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ଦୁଇ ୱିକେଟ୍ ହରାଇ ୨୨୧ରନ୍ କରିଥିଲା । ଦଳ ପକ୍ଷରୁ ସ୍ମୃତି ମାନ୍ଧାନା ସର୍ବାଧିକ ୮୭ରନ୍ କରିଥିବା ବେଳେ ସେଫାଳୀ ବର୍ମା ୭୯ରନ୍ କରିଛନ୍ତି । ଏଥିସହିତ ମାନ୍ଧାନା ମହିଳା ଆନ୍ତର୍ଜାତିକ କ୍ରିକେଟ୍‌ରେ ନିଜର ୧୦ ହଜାର ରନ୍ ସମ୍ପୂର୍ଣ୍ଣ କରିଛନ୍ତି । ସେହିଭଳି ରିଚା ଶର୍ମା ମାତ୍ର ୧୬ଟି ବଲ୍‌ରୁ ୪୦ ଜଣ କରିଥିଲେ । ୨୨୨ରନ୍ ବିଜୟ ଲକ୍ଷ୍ୟର ପିଛା କରି ଶ୍ରୀଲଙ୍କା ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ୍ ହରାଇ ୧୯୧ରନ୍ କରିଥିଲା । ଦଳ ପକ୍ଷରୁ ଅଧିନାୟକ ଚାମାରୀ ଆଥାପାଟ୍ଟୁ ୫୨ରନ୍ କରିଥିଲେ ।

ଭାରତ ପକ୍ଷରୁ ବୈଷ୍ଣବୀ ଶର୍ମା ୨୪ ରନ୍ ଦେଇ ୨ଟି ୱିକେଟ୍ ଅକ୍ତିଆର କରିଥିବା ବେଳେ ଅରୁନ୍ଧତୀ ରେଡ୍ଡୀ ୨ଟି ଏବଂ ଶ୍ରୀ ଚାରଣୀ ଗୋଟିଏ ୱିକେଟ୍ ନେଇଛନ୍ତି । ସ୍ମୃତି ମାନ୍ଧାନା ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି । ପାଞ୍ଚଟିକିଆ ମ୍ୟାଚ୍ ବିଶିଷ୍ଟ ଏହି ଟି-ଟ୍ୱେଣ୍ଟି ସିରିଜ୍‌ରେ ବର୍ତ୍ତମାନ ସୁଦ୍ଧା ଭାରତ ୪-୦ରେ ଅଗ୍ରଣୀ ରହିଛି । ଏହି ସିରିଜ୍‌ର ପଞ୍ଚମ ତଥା ଅନ୍ତିମ ମ୍ୟାଚ୍ ମଧ୍ୟ ଆସନ୍ତାକାଲି ଥିରୁବନନ୍ତପୁରମ୍‌ଠାରେ ଖେଳାଯିବ ।